EPABX : 2561909/2562847
Tel : 2562822/2560955
E-mail: paribesh1@ospcboard.org
Website: www.ospcboard.org

ODISHA

**STATE POLLUTION CONTROL BOARD, ODISHA**
[DEPARTMENT OF FOREST & ENVIRONMENT, GOVERNMENT OF ODISHA]
Paribesh Bhawan, A/118, Nilakantha Nagar, Unit – VIII
**Bhubaneswar – 751 012, INDIA**

No 17079 / Dt. 28.11.16 /
**IND-IV-BW-55**

# ବିଜ୍ଞାପନ

## ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀ ଧ୍ୟାନ ଦିଅନ୍ତୁ ।

ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଏବଂ ତତ୍ ପଶ୍ଚାତ୍ ସଂଶୋଧନ ଅନୁଯାୟୀ ଭାରତ ସରକାର ପରିବେଶ ସୁରକ୍ଷାକୁ ଦୃଷ୍ଟି ରଖି ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ର ନିରାପଦ ପରିଚାଳନା ପାଇଁ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ (ବ୍ୟବହାର ଓ ପରିଚାଳନା) ନିୟମ ୧୯୯୮ ମସିହାରେ ପ୍ରଣୟନ କରିଥିଲେ ଏବଂ ତତ୍ ପଶ୍ଚାତ୍ ସଂଶୋଧନ ମଧ୍ୟ କରିଥିଲେ । ଏହି ନିୟମ ସ୍ଥାନରେ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରାଳୟ, ଭାରତ ସରକାର ୨୮.୦୩.୨୦୧୬ ତାରିଖରେ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ କୁ ପ୍ରଚଳନ କରିବା ପାଇଁ ବିଜ୍ଞପ୍ତି ଜାରି କରିଅଛନ୍ତି । ଏହି ନିୟମ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ର ନିର୍ଗତ, ଏକତ୍ରୀକରଣ, ସଂଗ୍ରହ, ରକ୍ଷଣ, ପରିବହନ, ଶୋଧନ ପ୍ରକ୍ରିୟା, ନିକ୍ଷେପଣ ବା ବ୍ୟବହାରରେ ଲିପ୍ତ ସମସ୍ତ ବ୍ୟକ୍ତିଙ୍କ ସହିତ ହସ୍ପିଟାଲ, ନର୍ସିଂ ହୋମ୍, କ୍ଲିନିକ୍, ଡ଼ାକ୍ତରଖାନା, ପଶୁ ଚିକିତ୍ସାକେନ୍ଦ୍ର, ନିଦାନ ପରୀକ୍ଷାଗାର, ରକ୍ତଭଣ୍ଡାର, ଆୟୁଷ ହସ୍ପିଟାଲ, ଚିକିତ୍ସାପ୍ରତିଷ୍ଠାନ, ଗବେଷଣା ଓ ଶିକ୍ଷା ଅନୁଷ୍ଠାନ, ସ୍ୱାସ୍ଥ୍ୟ ଶିବିର, ମେଡ଼ିକାଲ୍ ବା ଶଲ୍ୟଚିକିତ୍ସା ଶିବିର, ଟିକା କରଣ ଶିବିର, ରକ୍ତ ଦାନ ଶିବିର, ବିଦ୍ୟାଳୟ ଗୁଡ଼ିକରେ ଥିବା ପ୍ରାଥମିକ ଚିକିତ୍ସା କୋଠରୀ, ଫୋରେନ୍ସିକ୍ ପରୀକ୍ଷାଗାର ଓ ଗବେଷଣା ଗାର ଙ୍କୁ ଲାଗୁ ହେବ । ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ କୌଣସି କୁ ପ୍ରଭାବ ଯେପରି ନ ପଡ଼େ, ସେଥିପାଇଁ ଉପରୋକ୍ତ ନିୟମ ଅନୁସାରେ ଆବଶ୍ୟକ ପଦକ୍ଷେପ ନେବା ପ୍ରତ୍ୟେକ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀ ଙ୍କର କର୍ତବ୍ୟ । ନିୟମରେ ବ୍ୟବସ୍ଥାନୁଯାୟୀ, ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀ ନିମ୍ନୋକ୍ତ ବିଷୟଗୁଡ଼ିକୁ ସୁନିଶ୍ଚିତ କରାଇବା ଆବଶ୍ୟକ ।

କ୍ରମଶଃ..

୧. ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା ଠାରୁ ବର୍ଜ୍ୟବସ୍ତୁ ର ସଠିକ୍ ପରିଚାଳନା ପାଇଁ ପ୍ରାଧିକରଣ (Authorization) ନିମନ୍ତେ ପ୍ରତ୍ୟେକ ମାଲିକଙ୍କୁ ଫର୍ମ-୨ ରେ ବୋର୍ଡ଼କୁ ଆବେଦନ କରିବା ଆବଶ୍ୟକ ।

୨. ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ର ପୃଥକୀକରଣ ଉପରୋକ୍ତ ନିୟମ ର ଅନୁସୂଚୀ-୧ ଅନୁଯାୟୀ ସାଙ୍କେତିକ ରଙ୍ଗ ଅନୁସାରେ କରିବା ଆବଶ୍ୟକ ।

୩. ଯଦି ସଂସ୍ଥାର ୭୫ କିଲୋମିଟର ଦୂରତାରେ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା ଅନୁଷ୍ଠାନ ଥାଏ, ତେବେ କୌଣସି ମାଲିକ ନିଜ ସ୍ୱାସ୍ଥ୍ୟ ସେବା ସଂସ୍ଥା ଠାରେ ଶୋଧନ କିମ୍ବା ନିକ୍ଷେପଣ ସୁବିଧା ରଖିପାରିବେ ନାହିଁ ।

୪. ୨୭.୦୩.୨୦୧୮ ସୁଦ୍ଧା ମାଲିକ ମାନେ କ୍ଲୋରିନଯୁକ୍ତ ପ୍ଲାଷ୍ଟିକ୍ ବ୍ୟାଗ୍, ଗ୍ଲୋଭ୍ ଓ ରକ୍ତ ସଂଗ୍ରହ ବ୍ୟାଗ୍ ର ବ୍ୟବହାରକୁ ନିର୍ବାରଣ କରିବେ ।

୫. ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀ ୨୭.୦୩.୨୦୧୭ ତାରିଖ ସୁଦ୍ଧା ବାର୍‌କୋଡ୍ (Barcode) ଓ ଗ୍ଲୋବାଲ୍ ପୋଜିସନିଙ୍ଗ୍ ସିଷ୍ଟମ୍ (GPS) ବ୍ୟବହାର କରିବେ ।

୬. ପ୍ରତ୍ୟେକ ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀ ବାର୍ଷିକ ବିବରଣୀକୁ ଫର୍ମ-୪ରେ ପ୍ରତିବର୍ଷ ଜୁନ୍ ୩୦ ତାରିଖ କିମ୍ବା ଏହା ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା ନିକଟରେ ଦାଖଲ କରିବେ ।

୭. ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ର ଶୋଧନ ଓ ନିକ୍ଷେପଣରେ ବର୍ତମାନ ବ୍ୟବହୃତ ହେଉଥିବା ଭସ୍ମଚୁଲା (Incinerator) ର ନିଷ୍କାସନକୁ ସେକେଣ୍ଡାରୀ ଚାମ୍ବର (Secondary Chamber) ରେ ଅଟକାଇ ରଖିବା ସମୟ, ଡ଼ାଇଅକ୍ସିନ୍ ଓ ଫ୍ୟୁରାନ୍ ପାଇଁ ଅନୁସୂଚୀ-୨ ରେ ନିର୍ଦ୍ଧାରିତ ମାନର ଅନୁପାଳନ କରିବାକୁ ହେବ ।

୮. ପରୀକ୍ଷାଗାର ଓ ମାଇକ୍ରୋବାୟୋଲୋଜି (Microbiology) ରୁ ବାହାରୁଥିବା ଆବର୍ଜନା, ରକ୍ତ ବ୍ୟାଗ୍ ଓ ରକ୍ତ ନମୁନାକୁ ସେହିଠାରେ ଶୋଧନ କିମ୍ବା ଜିବାଣୁମୁକ୍ତ (Sterilization) କରାଯିବ ।

୯. ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା ସଂସ୍ଥା ର ପରିଚାଳକ ମାନେ ଉକ୍ତ ସଂସ୍ଥାମାନଙ୍କରୁ ବାହାରୁଥିବା ତରଳ ବର୍ଜ୍ୟକୁ (Liquid Waste) ଜଳପ୍ରଦୂଷଣ (ନିବାରଣ ଓ ନିୟନ୍ତ୍ରଣ) ଆଇନ ୧୯୭୪ ଅନୁଯାୟୀ ଶୋଧନ ଓ ନିକ୍ଷେପଣ କରିବେ ।

୧୦. ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀ ସମସ୍ତ ତଥ୍ୟକୁ ନଥିରେ ଲିପିବଦ୍ଧ କରିବେ ଏବଂ ପ୍ରତ୍ୟେକ ଦିନ ଅଧୁନାତନ (Updation) କରିବେ । ନିୟମର ନିର୍ଦ୍ଧାରିତ ଅନୁସୂଚୀ-୧ ଅନୁସାରେ

ସେମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ଡ଼ାକ୍ତରୀବର୍ଜ୍ୟବସ୍ତୁର ପ୍ରକାରଭେଦ ଓ ସାଙ୍କେତିକ ରଙ୍ଗ ଭିତିକ ପରିମାଣର ମାସିକ ତଥ୍ୟ ତଥା ବାର୍ଷିକ ବିବରଣୀକୁ ପ୍ରଦର୍ଶନ କରିବା ପାଇଁ ୨୭.୦୩.୨୦୧୮ ତାରିଖ ସୁଦ୍ଧା ନିଜ ନିଜର ୱେବସାଇଟ୍ (Website) ପ୍ରସ୍ତୁତ କରିବେ ।

୧୧. ଡ଼ାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଅନୁସାରେ ପ୍ରାଧିକରଣରେ ଦିଆଯାଇଥିବା ବିଭିନ୍ନ ସର୍ତାବଳୀର ଯାନ୍‌ଚ ପାଇଁ, ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀ ମାନେ ନିରବିଛିନ୍ନ ଯାନ୍‌ଚ ବ୍ୟବସ୍ଥା (Online monitoring system) ପ୍ରତିଷ୍ଠା କରିବେ ଏବଂ ପ୍ରକୃତ ସମୟ ଭିତିକ ତଥ୍ୟ (Real time data) କୁ ରାଜ୍ୟ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ର ସର୍ଭର (Server) କୁ ପଠାଇବେ ।

୧୨. ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀମାନେ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଦ୍ୱାରା ମଞ୍ଜୁର ପ୍ରାପ୍ତ ପରୀକ୍ଷାଗାର ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉଦ୍ଦିଷ୍ଟ ଭସ୍ମଚୁଲ୍ଲା ର ଚିମ୍‌ନିରୁ ବାହାରୁଥିବା ବାଷ୍ପର ତ୍ରୟମାସିକ ଯାନ୍‌ଚ କରାଇବେ ଏବଂ ନିର୍ଦ୍ଧାରିତ ପ୍ରାଧିକାରୀଙ୍କୁ ଏ ସମ୍ବଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀମାନେ ଯଦି ବର୍ଜ୍ୟବସ୍ତୁ କୁ ସଠିକ୍ ପରିଚାଳନା ନ କରନ୍ତି ତେବେ ସେମାନେ ପରିବେଶ କିମ୍ବା ସର୍ବସାଧାରଣ ରେ ଉପୁଜିବାକୁ ଥିବା ସମସ୍ତ କ୍ଷତି ପାଇଁ ଦାୟୀ ହେବେ ।

ସେଥିପାଇଁ ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସାମୁହିକ ଡ଼ାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନାକାରୀମାନଙ୍କୁ ସୂଚିତ କରାଯାଉଛି ଯେ ଉପରୋକ୍ତ ନିୟମାବଳୀ ତଥା ବିଭିନ୍ନ ନିର୍ଦ୍ଧାରିତ ମାନର ଉଲ୍ଲଙ୍ଘନ କଲେ ପରିବେଶ (ସୁରକ୍ଷା) ଆଇନ ୧୯୮୬ ଓ ତତ୍ ପଶ୍ଚାତ୍ ସଂଶୋଧନ ଅନୁଯାୟୀ ବିହିତ ପଦକ୍ଷେପ ନିଆଯିବ ଏବଂ ଉଚିତ୍ ଦଣ୍ଡବିଧାନ କରାଯିବ ।

ଦେବୀଦତ୍ତ ବିଶ୍ୱାଳ 24/11/16
**MEMBER SECRETARY**

Memo No. 17080 / Dt. 28.11.16 /
Copy forwarded to Administrative Officer, State Pollution Control Board, Odisha, for information and necessary action. He is requested to publish the above notice in two Odia dailies on or before 30.11.2016.

24/11/16
**MEMBER SECRETARY**

Memo No 17081 /Dt 28-11-16 /

Copy forwarded to Director, Health Services, Govt. of Odisha, Bhubaneswar / Director, Public Health, Govt. of Odisha, Bhubaneswar/ all Chief District Medical Officers (CDMOs)/ Director, Capital Hospital, Bhubaneswar / Chief Medical Officer (CMO), Rourkela Govt. Hospital, Rourkela for information and necessary action.

28/11/16

**MEMBER SECRETARY**

Memo No 17082 /Dt 28-11-16 /

Copy forwarded to Regional officer, State Pollution Control Board, Angul, Sambalpur, Cuttack, Rourkela, Keonjhar, Rayagada, Balasore, Bhubaneswar, Berhampur, Jharsuguda, Kalingangar & Paradeep for information and necessary action.

28/11/16

**MEMBER SECRETARY**

Memo No. 17083 / Dt. 28-11-16 /

Copy forwarded to the Computer Analyst, State Pollution Control Board, Odisha, for information. She is requested to put the notice in the website of the Board immediately.

28/11/16

**MEMBER SECRETARY**